# <u>Observance of World Nutrition Day on 28th May, 2022</u>

Government College, Sundargarh organized the World Nutrition Day on 28th May, 2022 to create awareness about healthy eating habits, the importance of balanced nutrition and its impact on one's overall health and well-being.

The event kick-started with the inaugural speech by the Principal Dr. L. R. Sahu who highlighted the significance of this occasion and spoke on the theme of 'Road-side food and our health'. A debate competition was held among the students to impress upon them the vital importance of nutrition for good health. The invited guest Dr. Kusuma Nale, a well-known nutritionist spoke on the harmful effect of junk food and fast food available on the road side. The prominent social activists Sri Nata Kishor Mishra threw light on the nutritional value of the traditional food consumed by the tribal people.

The other esteemed invited guests Dr. Indira Garnaik, Asst. Prof. of Political Science, Govt. Women's College, Sundargarh and Sri Alok Kumar Choudhury, Lecturer in English, Maharshi Dayanand Degree College, Mahulpali also voiced their opinions on the subject and encouraged the students to participate actively in such events.

At the end, prizes were distributed to winners of the competition held on this occasion. Nearly 120 students joined the programme.




02/07/24

Principal
Government College
Sundargarh







02/07/24
Principal
Government College
Sundargarh

# ବିଶ୍ୱ ପୋଷଣ ଦିବସ ପାଳିତ

ସୁନ୍ଦରଗଡ଼,୨୮।୫(କାର୍ଯ୍ୟାଳୟ): ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ବିଶ୍ୱ ପୋଷଣ ଦିବସ ପାଳିତ ହୋଇଯାଇଛି । ଏ ପରିପ୍ରେକ୍ଷୀରେ 'ରାସ୍ତା କଡ଼ର ଖାଦ୍ୟ ଓ ଆମ ଶରୀର' ଶୀର୍ଷକ



ଆଲୋଚନା ଚକ୍ର ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଅଧ୍ୟକ୍ଷ ଡଃ.ଲଳିତ ରଞ୍ଜନ ସାହୁ ଏହି ଦିନର ମହତ୍ତ୍ୱ ସଂପର୍କରେ ଆଲୋକପାତ କରିଥିବା ବେଳେ ସରକାରୀ ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡଃ.ଇନ୍ଦିରା ଗଡ଼ନାୟକ ଛାତ୍ରଛାତ୍ରୀଙ୍କୁ ଏଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥିଲେ । ପୋଷଣ ଅଧିକାରୀ ଡ.କୁସୁମା ନୀଲେ ଆଜିକାଲି ରାସ୍ତାକଡ଼ରେ ମିଳୁଥିବା ବିଭିନ୍ନ ଖାଦ୍ୟର ଅପକାରିତା ବିଷୟରେ ସମସ୍ତଙ୍କୁ ଅବଗତ କରିଥିବା ବେଳେ ସମାଜସେବୀ ନଟକିଶୋର ମିଶ୍ର ପାରମ୍ପରିକ ଆଦିବାସୀ ଖାଦ୍ୟରେ ଥିବା ପୋଷଣ ବିଷୟରେ ଆଲୋଚନା କରିଥିଲେ । ଗଡ଼ମହୁଲପାଲି ମହାବିଦ୍ୟାଳୟର ଅଧ୍ୟାପକ ଆଲୋକ କୁମାର ଚୌଧୁରୀ ଏଭଳି ପ୍ରତିଯୋଗିତା ନିମନ୍ତେ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ । ଉକ୍ତ ପ୍ରତିଯୋଗିତାରେ ବହୁ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଭୂତତ୍ତ୍ୱ ବିଭାଗର ଅଭିଷେକ ମହାରାଜ ପ୍ରଥମ ହୋଇଥିବା ବେଳେ ପଦାର୍ଥ ବିଜ୍ଞାନ ବିଭାଗର ରେହାନା ପରବିନ ଦ୍ୱିତୀୟ, ଅର୍ଥନୀତି ବିଭାଗର ଦିନେଶ ପାଢ଼ୀ ଓ ନିବିତା ସେଠ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଥିଲେ । ଉକ୍ତ ଉତ୍ସବକୁ ଭୂତତ୍ତ୍ୱବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପିକା ଡଃ.କୁମୁଦିନୀ ରାଉତରାୟ ପରିଚାଳନା କରିଥିଲେ । ସରକାରୀ ମହାବିଦ୍ୟାଳୟର ଡଃ.ହରପ୍ରସାଦ ମହାପାତ୍ର, ଡଃ.ବିନୋଦ ବିହାରୀ ସାହୁ, ଡଃ.ଆଶୁତୋଷ ଝା, ଡଃ.ସଂଯୁକ୍ତା ମହାରଣା, ଅନୀମା ତିର୍କୀ, ଆର୍ଯ୍ୟ ବିଭାସ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

02/07/24
Principal
Government College
Sundargarh